**ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା**

ରାଜନଗର, (ଡି.ଏନ.ଏ.): ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଦୁଧିଆ ଗାଁରେ ଶୁକ୍ରବାର ନିଆଁ ଲାଗି ୨ ବଖରା ଜଳିଯାଇଛି। ପୂର୍ବାହ୍ନ ସାଢେ ୮ଟାରେ ଗାଁର ଉତମ ରାଉତଙ୍କ ଘରେ ରୋଷେଇ ଚାଲିଥିବା ବେଳେ ଚୁଲିରୁ ନିଆଁ ଝୁଲ ଉଠି ଚାଳରେ ଲାଗି ଯାଇଥିଲା। ଅଗ୍ନିକାଣ୍ଡରେ ଦୁଇ ବଖରା ସହ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ଆଜି କ'ଣ କେଉଁଠି

**ମହାକାଳପଡ଼ା**

- ଓଡ଼ିଶା ମୋ ପରିବାରର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ପକ୍ଷରୁ ରକ୍ତଦାନ ଶିବିର, ଶ୍ରୀ ବାୟାବାବା ମହାବିଦ୍ୟାଳୟ, ମହାକାଳପଡ଼ା, ପୂର୍ବାହ୍ନ ୭ଟା।
- ସ୍ୱାମୀ ବିବେକାନନ୍ଦ କ୍ଲବ ପକ୍ଷରୁ କ୍ରୀଡା ପ୍ରତିଯୋଗିତା, ହରିଆବାଙ୍କ, ମହାକାଳପଡା, କେନ୍ଦ୍ରାପଡା,ପୂର୍ବାହ୍ନ ୯ଟା।

**କେନ୍ଦ୍ରାପଡ଼ା**

- ଲା ଲୋଟସ ଫେଶନର ମିଷ୍ଟର ଆଣ୍ଡ ମିସେସ ଓଡ଼ିଶା ଅଡିଶନ, ଲୋହିତ ପ୍ୟାଲେସ, ଗୋପ ଛକ, କେନ୍ଦ୍ରାପଡା, ପୂର୍ବାହ୍ନ ୯ଟା ।

**ଖଣ୍ଡପଡ଼ା**

- ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ମାଘମେଳା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ, କଣ୍ଟିଲୋ ବ୍ୟାଖ୍ୟାନ କେନ୍ଦ୍ର, ପୂର୍ବାହ୍ନ ୧୧ଟା ।

## ସଂକ୍ଷେପରେ

### ବାଇକ୍ ଚଳାଇବା ମହଙ୍ଗା ପଡ଼ିଲା ୨ ନାବାଳକଙ୍କ ଉପରେ ୫୨ ହଜାର ଜରିମାନା

ଜଗତ୍‌ସିଂହପୁର ଅଫିସ, ୧୯।୨- ବାଇକ ଚଳାଇବା ୨ ନାବାଳକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଉଭୟଙ୍କଠାରୁ ୨୬ ହଜାର ଟଙ୍କା ହିସାବରେ ମୋଟ ୫୨ ହଜାର ଟଙ୍କା ଜରିମାନା ହୋଇଛି ବୋଲି ଜଗତ୍‌ସିଂହପୁର ଆର୍‌ଟିଓ ଟୁଇଟ୍ ଜରିଆରେ ସୂଚନା ଦେଇଛନ୍ତି। ଅଠରବାଙ୍କୀ ନିକଟ ବାଲିଝର ମହାବୀର କଲୋନୀର ଶର୍ମାନନ୍ଦ ଗୁପ୍ତାଙ୍କ ବାଇକ୍ ଓ ରେଲୱେ କଲୋନୀ ଅଠରବାଙ୍କୀ ନିକଟ ବାଉରିଆ ପାଳଣ୍ଡାର ସୁଜିତ ମଣ୍ଡଳଙ୍କ ବାଇକ୍‌କୁ ସେମାନେ ଚଲାଉଥିବାବେଳେ ପାରାଦୀପ ପୋଲିସ ହାତରେ ଧରାପଡ଼ିଥିଲେ। ନାବାଳକ ହିସାବରେ ଉଭୟଙ୍କଠାରୁ ୨୫ ହଜାର ଟଙ୍କା ଲେଖାଏ ଓ ହେଲମେଟ୍ ପିନ୍ଧି ନ ଥିବାରୁ ୧୦୦୦ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ କରାଯାଇଥିଲା।

### ସନ୍ଦେହଜନକ ଭାବେ ଯୁବକଙ୍କ ମୃତ୍ୟୁ

**ରାଜକନିକା, ୧୯।୨(ଡି.ଏନ.ଏ.):** ରାଜକନିକା ଥାନା ବ୍ଲକ ସମ୍ମୁଖ ରାସ୍ତାରୁ ମାନପୁର ଗାଁର ପୀତବାସ ମଲ୍ଲିକଙ୍କ ପୁଅ ଅଜିତ (୩୦)ଙ୍କର ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି। ମୃତଦେହକୁ ଶୁକ୍ରବାର ସକାଳ ୫ଟାରେ ଜବତ କରାଯାଇଛି। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ଅଜିତଙ୍କ ଶରୀର ରକ୍ତାକ୍ତ ହୋଇଥିବାରୁ କେହି ଦୁର୍ବୃତ୍ତ ଆକ୍ରମଣ କରି ମାରି ଦେଇଥିବା ବାପା ପୀତବାସ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଅଜିତ ତାଙ୍କର ଏକମାତ୍ର ପୁଅ। ଏକ ବୀମା କମ୍ପାନୀରେ କାମ କରନ୍ତି। ରାତିରେ ପୁଅଦେହ ଖରାପ ହେବାରୁ ମେଡିସିନ ପାଇଁ କଟକ ଯାଉଥିଲେ। ମୃତଦେହକୁ ଦେଖିଲେ କୌଣସି ଲୋକ ହତ୍ୟା କରି ରାସ୍ତାରେ ଫୋପାଡି ଦେଇଥିବା ସେ ଅଭିଯୋଗ କରିଛନ୍ତି।

### ୨୨୦ ଉଜ୍ଜ୍ୱଳା ଗ୍ୟାସ୍ କାର୍ଡ, ୪ ଗ୍ୟାସ୍ ସିଲିଣ୍ଡର ଜବତ

**ରାଜନଗର, ୧୯।୨(ଡି.ଏନ.ଏ.):** ତାଳଚୁଆ ସାମୁଦ୍ରିକ ଥାନା ରଙ୍ଗଣୀ ପଞ୍ଚାୟତର ଚାଆଁରାକୋଲା ଗାଁର ହରିଶ୍ଚନ୍ଦ୍ର ଜେନା ଘରେ ଚୋରାରେ ଗ୍ୟାସ ବ୍ୟବସାୟ କରୁଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ଓ ରାଜନଗର ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସ ମିଳିତ ଭାବେ ଜେନାଙ୍କ ଘର ଉପରେ ଚଢାଉ କରିଥିଲେ। ତାଙ୍କ ଘରୁ ୨୨୦ ଜଣ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ଗ୍ୟାସ କାର୍ଡ ସହ ୪ ଗ୍ୟାସ ଭର୍ତ୍ତି ସିଲିଣ୍ଡର ମିଳିଥିଲା। ଏ ନେଇ କେନ୍ଦ୍ରାପଡା ଜିଲାପାଳଙ୍କୁ ଅବଗତ କରାଯିବ ଓ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଯୋଗାଣ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

### ଅଟୋ ସହ ୨୦୦ ଲିଟର କିରୋସିନ ଜବତ

**ନୟାଗଡ ଅଫିସ,୧୯।୨:** ରଣପୁର ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଶୁକ୍ରବାର ଅଟୋ ସହ ୨୦୦ ଲିଟର ଚୋରା କିରୋସିନ ଗୋପାଳପୁରଠାରୁ ଜବତ କରିଛି। ରଣପୁରରୁ କିରୋସିନ ଅଟୋ (ନଂ. ଓଆର୦୭ଭି ୦୯୫୧)ରେ ୪ଟି ଡ୍ରମରେ ଖୋର୍ଦ୍ଧା ଯାଉଥିଲା। ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ବଡପୋଖରିଆ ଗାଁର ରଞ୍ଜିତ ପଟ୍ଟନାୟକ ଏହି ଚୋରା କିରୋସିନ ନେବା ବେଳେ ଧରାପଡିଛନ୍ତି। ପୋଲିସ ନଂ. ୩୧/୨୧ରେ ମାମଲା ରୁଜୁ କରି ରଞ୍ଜିତଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

# ପ୍ରକଳ୍ପ ନିର୍ମାଣରେ ସଫଳତା ହାର କମୁଛି

**କେନ୍ଦ୍ରାପଡା ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍**
- ଗରଦପୁର ବ୍ଲକରେ ସର୍ବନିମ୍ନ ୧.୫୬ ପ୍ରତିଶତ କାମ
- ୬୬୦ ପରିବାରଙ୍କୁ ମାତ୍ର ୧୦୦ ଦିନର କାମ

**କେନ୍ଦ୍ରାପଡା ଅଫିସ, ୧୯।୨**

କେନ୍ଦ୍ରାପଡ଼ା ଜିଲାରେ କର୍ମନିଯୁକ୍ତି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଶିଳ୍ପ ପ୍ରତିଷ୍ଠାନ ଅଥବା କୃଷିଭିତ୍ତିକ ଶିଳ୍ପ ନାହିଁ। ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ଭିତ୍ତିଭୂମି ନ ଥିବାରୁ ଶ୍ରମ ପାଇଁ ଆଗ୍ରହୀ ଯୁବବର୍ଗ କର୍ମ ନିଯୁକ୍ତି ନିମନ୍ତେ ଜିଲା ବାହାରକୁ ଯାଉଛନ୍ତି। ଅପରପକ୍ଷରେ ନିଜ ଅଞ୍ଚଳରେ ଶ୍ରମ ସୁଯୋଗ ସୃଷ୍ଟି ପାଇଁ କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଜିଲାରେ ଏକପ୍ରକାର ସ୍ଥାଣୁ ପାଲଟିଥିବା ଦେଖାଦେଇଛି। ଫଳରେ ପ୍ରକଳ୍ପ ନିର୍ମାଣରେ ସଫଳତା ହାର କମିବାରେ ଲାଗିଛି। ବିଗତ ୪ ବର୍ଷର ଅନୁମୋଦିତ ପ୍ରକଳ୍ପ ଓ କାର୍ଯ୍ୟ ସମ୍ପାଦନ ଶୈଳୀର ତଥ୍ୟ ଏହାକୁ ସ୍ପଷ୍ଟ କରିଛି।

୨୦୧୭- ୧୮ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ୩୫,୩୯୮ଟି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ନିଆଯାଇଥିଲା। ଏହି ଆର୍ଥିକ ବର୍ଷରେ ୩୩,୪୫୫ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ରେକର୍ଡ ପରିମାଣର ୯୪.୫୧ ପ୍ରତିଶତ ସଫଳ ମିଳିଥିଲା। ତେବେ ଏହା ପରଠାରୁ ପ୍ରକଳ୍ପ କାର୍ଯ୍ୟକାରୀରେ ଜିଲା ପ୍ରଶାସନର ସ୍ଥାଣୁତା ଦେଖାଦେଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୯୭୦୬ଟି ପ୍ରକଳ୍ପ ମଧ୍ୟରୁ ୮୫.୬୩ ପ୍ରତିଶତ ଓ ୨୦୧୯-୨୦ ଆର୍ଥିକ ବର୍ଷରେ ୨୪,୩୫୩ଟି ପ୍ରକଳ୍ପ ମଧ୍ୟରୁ ମାତ୍ର ୫୯.୩୯ ପ୍ରତିଶତ ନିର୍ମାଣ କାର୍ଯ୍ୟ ସରିଛି। ଚଳିତ ୨୦୨୦- ୨୧ ଆର୍ଥିକ ବର୍ଷ ସରିବାକୁ ମାତ୍ର ୧ ମାସ ୧୦ ଦିନ ଅଛି। ତେବେ ଏହି ଯୋଜନାର ଅଗ୍ରଗତି ବହୁ ପଛରେ ପଡିଥିବା ଅଭିଯୋଗ ହେଉଛି। ଚଳିତ ଆର୍ଥିକ ବର୍ଷ ଆରମ୍ଭରେ ଆଳି ବ୍ଲକ ଅଞ୍ଚଳର ୮୩୨ଟି, ଡେରାବିଶର ୭୬୪ଟି, ଗରଦପୁରର ୫୭୮ଟି, କେନ୍ଦ୍ରାପଡ଼ାର ୬୭୮ଟି, ମହାକାଳପଡ଼ାର ୨୫୪୫ଟି, ମାର୍ଶାଘାଇର ୮୩୬ଟି, ପଟ୍ଟାମୁଣ୍ଡାଇର ୧୦୫୩ଟି, ରାଜକନିକାର ୧୦୯୮ଟି ଓ ରାଜନଗର ବ୍ଲକର ୧୬୭୫ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲାର ୯ ବ୍ଲକରେ ୧୦,୦୫୯ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ମାତ୍ର ୮.୯୯ ପ୍ରତିଶତ ସଫଳତା ହାସଲ କରିଛି। ମାର୍ଶାଘାଇ ବ୍ଲକ ଅଞ୍ଚଳରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସବୁଠାରୁ ଅଧିକ ୩୩.୯୭ ପ୍ରତିଶତ ସଫଳତା ମିଳିଥିବାବେଳେ ଗରଦପୁର ବ୍ଲକ ଅଞ୍ଚଳର ସଫଳତା ହାର ସର୍ବନିମ୍ନ ୧.୫୬ ପ୍ରତିଶତ ରହିଛି। ଏପରି କି ଜିଲାର ମାର୍ଶାଘାଇ, ଡେରାବିଶ ଓ ପଟ୍ଟାମୁଣ୍ଡାଇ ବ୍ଲକକୁ ଛାଡି ଦେଲେ ଅନ୍ୟ ୬ ବ୍ଲକରେ ସଫଳତା ଆର ଦୁଇ ଅଙ୍କରେ ପହଞ୍ଚି ପାରିନାହିଁ। ସେହିପରି ଜିଲାର ୮୮, ୭୭୫ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲେ ମଧ୍ୟ ମାତ୍ର ୬୬୦ ଜଣଙ୍କୁ ଅଦ୍ୟାବଧି ୧୦୦ ଦିନର କାମ ଯୋଗାଇ ଦିଆଯାଇଛି।

ଏ ସମ୍ପର୍କରେ ଭରତପୁରର ଚିତ୍ତରଞ୍ଜନ ଦାସ, ଦେପୁରର ଜଗଦୀଶ ପତି, ଇନ୍ଦୁପୁରର ଦେବାଶିଷ ସାମଲ, ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ କରୋନା ସଂକ୍ରମଣ ଭୟ ପାଇଁ ବହୁ ପ୍ରବାସୀ ଜିଲାକୁ ଆସିଛନ୍ତି। ପ୍ରବାସରେ କର୍ମନିଯୁକ୍ତି ଅଚଳାବସ୍ଥା ଯୋଗୁ ରାଜ୍ୟ ସରକାର ଏହି ଯୋଜନାକୁ ଗୁରୁତ୍ୱ ଦେଇଥିଲେ। ହେଲେ ଏହା କାର୍ଯ୍ୟକାରୀ କ୍ଷେତ୍ରରେ ବହୁ ଅସାମଞ୍ଜସ୍ୟ ରହିଛି। ଯୋଜନାର ସଫଳତା ପାଇଁ ଶ୍ରମିକଙ୍କ ମଜୁରି ବଢ଼ାଇବା ଆବଶ୍ୟକ। ସେହିପରି ଯୋଜନାରେ ଶ୍ରମିକ ବଦଳରେ ପୋଖରୀ ଖୋଳା କାମ ମେଶିନ ଦ୍ୱାରା କରାଯାଉଛି। ଏହାବ୍ୟତୀତ ଏହି ଯୋଜନାରେ ମାଟି ରାସ୍ତା ନିର୍ମାଣ ଓ ପୋଖରୀ ଖୋଳା କାର୍ଯ୍ୟ ରହିଛି। ସାମ୍ପ୍ରତିକ ସମୟରେ ମାଟି ରାସ୍ତା ଅଦରକାରୀ ହୋଇଛି। ସେହିପରି ଯୋଜନାରେ କାର୍ଯ୍ୟ ସାରିବା ପରେ ମଜୁରି ପାଇବାକୁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡୁଥିବାରୁ ଶ୍ରମିକଙ୍କ ଆଗ୍ରହ କମୁଛି ବୋଲି ସେମାନେ ମତ ଦେଇଛନ୍ତି। ଏ ସଂକ୍ରାନ୍ତରେ ପିଡି ଦିଲୀପ କୁମାର ପରିଡା କହିଛନ୍ତି, ଚଳିତବର୍ଷ ଏହି ଯୋଜନାରେ ବହୁ ପ୍ରକଳ୍ପ ନିର୍ମାଣ ହୋଇଛି। ତେବେ ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇ ନ ଥିବାରୁ ସଫଳତା ହାର କମ ରହିଛି। ଚଳିତ ଆର୍ଥିକ ବର୍ଷରେ ଏଥିରେ ରେକର୍ଡ ପରିମାଣର ସଫଳତା ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ନୂତନ ଜଗନ୍ନାଥ ମନ୍ଦିର ପାଇଁ ଦାରୁ ଛେଦନ



**ଦଶପଲ୍ଲା, ୧୯।୨ (ଡି.ଏନ.ଏ.)**

ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ସାତପାଟଣା ଗାଁରେ ନବ ନିର୍ମିତ ଜଗନ୍ନାଥଙ୍କ ମନ୍ଦିରରେ ବିଗ୍ରହ ରୂପେ ସ୍ଥାପନ କରିବାକୁ ଶୁକ୍ରବାର ଦାରୁ ଛେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବିଭିନ୍ନସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ନିକଟସ୍ଥ ଗୋହିରିଆପଡା ଗାଁରେ ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ଦାରୁ ଚିହ୍ନଟ ହୋଇଥିଲା। ଗୋବର୍ଦ୍ଧନପୁର ଗାଁରୁ ଶ୍ରୀଜଗନ୍ନାଥଙ୍କ ଦାରୁ ଚିହ୍ନଟ କରାଯାଇଥିଲା। ତଦନୁଯାୟୀ ମାଘ ଶୁକ୍ଳ ସପ୍ତମୀର ମାହେନ୍ଦ୍ର ଲଗ୍ନରେ ଉକ୍ତ ଦାରୁ ଛେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତଙ୍କ ଦ୍ୱାରା ଦାରୁ ପୂଜନ ପରେ ହୋମ କର୍ମାଦି ସମାପନ ପୂର୍ବକ ଛେଦନ କରାଯାଇଥିଲା। ଶ୍ରୀବଳଭଦ୍ରଙ୍କ ଦାରୁ ପୂଜାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ସସ୍ତ୍ରିକ ବସିଥିବା ବେଳେ, ମା' ସୁଭଦ୍ରାଙ୍କ ଦାରୁ ପୂଜାରେ ସଜ୍ଜନ ଅଗ୍ରୱାଲ ସସ୍ତ୍ରିକ, ଶ୍ରୀସୁଦର୍ଶନଙ୍କ ଦାରୁ ପୂଜାରେ ବିନୋଦ ବିହାରୀ ସାହୁ ସସ୍ତ୍ରିକ ବସିଥିଲେ। ସେହିଭଳି ଗୋବର୍ଦ୍ଧନପୁରଠାରେ ଶ୍ରୀଜଗନ୍ନାଥଙ୍କ ଦାରୁ ପୂଜାରେ ପ୍ରଫୁଲ୍ଲ କୁମାର ସାହୁ ସସ୍ତ୍ରିକ ବସିଥିଲେ। ସନ୍ଧ୍ୟା ସୁଦ୍ଧା ଦାରୁ ଛେଦନ କାର୍ଯ୍ୟ ଶେଷ ହୋଇଥିଲା। ପରେ ସୁସଜ୍ଜିତ ଶଗଡ଼ରେ ଦାରୁ ସବୁଙ୍କୁ ମନ୍ଦିର ନିକଟସ୍ଥ ଏକ ସ୍ଥାନକୁ ଅଣାଯାଇଥିଲା। ବିଧି ବିଧାନ ଅନୁଯାୟୀ ମୂର୍ତ୍ତି ନିର୍ମାଣ କରାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ହରିବୋଲ ହୁଳହୁଳି ଧ୍ୱନି ସାଙ୍ଗକୁ ସଂକୀର୍ତ୍ତନ କରି ଦାରୁଗୁଡିକ ମନ୍ଦିରକୁ ଆଣିଥିଲେ।

## 'ସାରଳା ସାହିତ୍ୟର ଅଧିକ ଗବେଷଣା କରାଯାଉ'



ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥିମାନେ।

**ସମାଧି ପୀଠରେ ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ**

**ତିର୍ତ୍ତୋଲ,୧୯।୨(ଡି.ଏନ.ଏ.)**

ଓଡିଆ ଭାଷା ସାହିତ୍ୟର ଆଦି ସ୍ରଷ୍ଟା ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ଶୁକ୍ରବାର ତାଙ୍କ ସମାଧି ପୀଠରେ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ମୁନୀ ଗୋସାଇଁ ମଠ ପରିସରରେ ଥିବା ଏହି ପୀଠରେ ସନ୍ଧ୍ୟାରେ ଏକ ସାହିତ୍ୟ ସଭା ଆୟୋଜନ କରାଯାଇଥିଲା। କଟକର ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ପ୍ରଭାକର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ସାରଳା ସାହିତ୍ୟର ଅଧିକ ଗବେଷଣା କରାଯିବା ଉଚିତ୍ ବୋଲି ଏହି ଅବସରରେ ଉପସ୍ଥିତ ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ଏଥିସହ ସମାଧି ପୀଠକୁ ପର୍ଯ୍ୟଟନସ୍ଥଳ ଭାବେ ଘୋଷଣା ପାଇଁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଆଲୋଚକଭାବେ ବିଶିଷ୍ଟ କବି ଡ.ନୃସିଂହ ଷଡ଼ଙ୍ଗୀ, ପ୍ରଫେସର ଡ.ପ୍ରଫୁଲ୍ଲ କୁମାର ମହାନ୍ତି, ଶିକ୍ଷାବିତ୍ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଝଙ୍କାର ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକବିହାରୀ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଆଦିକବି ସାରଳା ଦାସ ସାଂସ୍କୃତିକ ପରିଷଦ ସଭାପତି ବିରଜା ପ୍ରସନ୍ନ ପରିଜା ଓ ସମ୍ପାଦକ ଚିତ୍ତରଞ୍ଜନ ପରିଜା ସଭା ପରିଚାଳନାରେ ସହାୟତା କରିଥିଲେ।

## ସଂସ୍କୃତି ଭବନ ଏଣିକି ଆଦିକବି ସାରଳା ଦାସ ସଂସ୍କୃତି ଭବନ

**ଜଗତ୍‌ସିଂହପୁର ଅଫିସ, ୧୯।୨**

ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଥିବା ଜିଲା ସଂସ୍କୃତି ଭବନର ନାମ ବଦଳିଲା। ଏଣିକି ଏହା ଆଦିକବି ସାରଳା ଦାସ ସଂସ୍କୃତି ଭବନ ନାମରେ ନାମିତ ହେବ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୧୦।୨।୨୧ରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସଂସ୍କୃତି ଭବନର ନାମ ଆଦିକବି ସାରଳା ଦାସ ସଂସ୍କୃତି ଭବନ ନାମରେ ନାମିତ କରିବାକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ସେ ପତ୍ରରେ ଉଲ୍ଲେଖ କରିଥିଲେ ଜଗତ୍‌ସିଂହପୁର ଏକ କଳା, ସାହିତ୍ୟ ଓ ସଂସ୍କୃତି ସମ୍ପନ୍ନ ଜିଲା। ଓଡ଼ିଆ ଭାଷା, ସାହିତ୍ୟର ସ୍ରଷ୍ଟା ଆଦିକବି ସାରଳା ଦାସ ଜିଲାରେ ଜନ୍ମଗ୍ରହଣ କରଥିଲେ। ତେଣୁ ସରକାର ତାଙ୍କ ନାମରେ ସଂସ୍କୃତି ଭବନ ନାମିତ କରିବାକୁ ଅନୁରୋଧ କରିଥିଲେ। ରାଜ୍ୟ ସରକାର ଏହି ପ୍ରସ୍ତାବକୁ ଗ୍ରହଣ କରି ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

## ପଲେଇ ସମବାୟ ସମିତିର ୨ କର୍ମଚାରୀ ନିଲମ୍ବିତ

**ଡେରାବିଶ, ୧୯।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ପଲେଇ ପ୍ରାଥମିକ କୃଷି ସମବାୟ ସମିତିରେ ବିଭିନ୍ନ ଅନିୟମିତତା ଅଭିଯୋଗକୁ ନେଇ ଦୀର୍ଘଦିନ ହେବ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହି ଘଟଣାର ତଦନ୍ତ କରି ଜିଲା ସହକାରୀ ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କ ଚିଠି ନଂ.୪୯୭, ୪୯୯/୧୮।୨।୨୧ ବଳରେ ଜିଲା ସହକାରୀ ଉପନିବନ୍ଧକ ମନମୋହନ ରାଉତ ୨ କର୍ମଚାରୀଙ୍କୁ ଗୁରୁବାର ନିଲମ୍ବିତ କରିଛନ୍ତି। ସେମାନେ ହେଲେ ସମ୍ପାଦକ ଦାୟିତ୍ୱରେ ଥିବା କ୍ଷୀରୋଦ ଚନ୍ଦ୍ର ଭଦ୍ର ଓ କର୍ମଚାରୀ ହିମାଂଶୁ କୁମାର ପରିଡ଼ା। ଏହି ସମିତିରେ ପୂର୍ବରୁ ସମ୍ପାଦକ ଦାୟିତ୍ୱରେ ଥିବା ଅଲେଖ ଚନ୍ଦ୍ର ବିଶ୍ୱାଳ ଅବସର ପରେ ସମିତିରେ କାର୍ଯ୍ୟରତ କର୍ମଚାରୀ ହିମାଂଶୁ ସମ୍ପାଦକ କାର୍ଯ୍ୟଭାର ଗ୍ରହଣ କରିଥିଲେ। ମାତ୍ର ଅର୍ଥ ଅନିୟମିତତା ଅଭିଯୋଗରେ ବିଭାଗୀୟ କର୍ତ୍ତୃପକ୍ଷ ହିମାଂଶୁଙ୍କୁ ନିଲମ୍ବିତ କରି ତାଙ୍କ ସ୍ଥାନରେ ସମିତିରେ କାର୍ଯ୍ୟରତ ଥିବା କ୍ଷୀରୋଦଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ତେବେ ହିମାଂଶୁ ତାଙ୍କର ନିଲମ୍ବନ ଆଦେଶକୁ ଚ୍ୟାଲେଞ୍ଜ କରି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟଙ୍କ ଆଦେଶ କ୍ରମେ ହିମାଂଶୁ ଏକମାସ ହେବ ପୁନର୍ବାର ସମିତିରେ ଯୋଗଦାନ କରିଥିଲେ। ମାତ୍ର ଉଭୟ କର୍ମଚାରୀଙ୍କ ବିରୋଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ମଧ୍ୟ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଅଭିଯୋଗକୁ ଭିତ୍ତିକରି ବିଭାଗୀୟ ରେଜିଷ୍ଟ୍ରାରଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ୨ କର୍ମଚାରୀଙ୍କୁ ନିଲମ୍ବିତ ପରେ ଏଣ୍ଡର ସମବାୟ ସମିତି ସମ୍ପାଦକ ମନୋରଞ୍ଜନ ଦାସଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ସହକାରୀ ଉପନିବନ୍ଧକ ରାଉତ ସୂଚନା ଦେଇଛନ୍ତି।

## 'ବିଦଗ୍ଧ କବିଙ୍କ ନାମରେ ମେଡିକାଲ କଲେଜ ହେଉ'

**ଯାଜପୁର ଟାଉନ,୧୯।୨(ଡି.ଏନ.ଏ.)**



ଅଭିମନ୍ୟୁଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୧ ତମ ଜୟନ୍ତୀ ପାଳିତ**

ଯାଜପୁରରେ ପ୍ରସ୍ତାବିତ ମେଡିକାଲ କଲେଜ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରାଯାଉ ବୋଲି ତାଙ୍କ ୨୬୧ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅଭିମନ୍ୟୁ ସାଂସ୍କୃତିକ ପରିଷଦ ଓ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଡା. ରାଜକିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉତ୍ସବ ପାଳିତ ହୋଇଥିଲା। ମୁଖ୍ୟବକ୍ତା ପ୍ରଫେସର ପବିତ୍ର ପାଣିଗ୍ରାହୀ ଓ ସମ୍ମାନିତ ବକ୍ତା ପ୍ରଫେସର ତୁହିନାଂଶୁ ରଥ ଯୋଗଦେଇ ବିଦଗ୍ଧ କବିଙ୍କ ବହୁମୁଖୀ ପ୍ରତିଭା ଓ ତାଙ୍କର କୃତୀ ଉପରେ କହିବା ସହ ଉପରୋକ୍ତ ପ୍ରସ୍ତାବ ରଖିଥିଲେ। ଅଭିମନ୍ୟୁ ସାଂସ୍କୃତିକ ପରିଷଦ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ତାଙ୍କ ବକ୍ତବ୍ୟରେ ଅଭିମନ୍ୟୁଙ୍କ ଛାନ୍ଦ ଓ ଚମ୍ପୁର ରଚନା ଶୈଳୀ ବେଶ୍ ପ୍ରଭାବଶାଳୀ ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟ ଗୁରୁ ତଥା ବାଦ୍ୟ ଗୁରୁ ଅଭୟ ଶତପଥୀଙ୍କୁ ଚଳିତବର୍ଷର ଅଭିମନ୍ୟୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗଠନ କର୍ମକର୍ତ୍ତା ମନ୍ମଥ ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପରେ ଡା. ପଣ୍ଡାଙ୍କ ନିର୍ଦ୍ଦେଶିତ ଓ ରଚିତ ନାଟକ 'ପୁଅ' ମଞ୍ଚସ୍ଥ ହୋଇଥିଲା। ପରିଷଦ କର୍ମକର୍ତ୍ତା ଶରତ ଚନ୍ଦ୍ର ରାୟ, ଗିରିଶ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ସନ୍ତୋଷ ଦାସ, ଡା. ଗୌରାଙ୍ଗ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ରିକେଟ: ଜରିସାହି ରାଇଜିଂ ଷ୍ଟାର ଚାମ୍ପିୟନ

**ରାଜକନିକା, ୧୯।୨(ଡି.ଏନ.ଏ.)**

ରାଜକନିକା ବ୍ଲକ ନହୁଣି ପଞ୍ଚାୟତର ସପଲାଙ୍ଗଠାରେ ଚାଲିଥିବା ପ୍ରିମିୟମ ଲିଗର ଫାଇନାଲ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଏମ୍‌ଏସ୍‌କୁ ହରାଇ ରାଜକନିକାର ଜରିସାହି ରାଇଜିଂ ଷ୍ଟାର ଚାମ୍ପିୟନ ହୋଇଛି। ରାଇଜିଂ ଷ୍ଟାର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୭୨ ରନ କରିଥିଲା। ଏଏମ୍‌ଏସ୍ ୧୩୧ ରନ କରି ଅଲ୍‌ଆଉଟ ହୋଇଥିଲା। କୃଷ୍ଣଚନ୍ଦ୍ର ପଣ୍ଡା, ଶିବରାମ ଦାସ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

## ୨ ଆହତଙ୍କୁ ଡାକ୍ତରଖାନା ନେଲେ ଏସ୍‌ଆଇ

**ପଟ୍ଟାମୁଣ୍ଡାଇ, ୧୯।୨(ସ୍ୱ.ପ୍ର.)**

ମଣିଷ ପଣିଆର ନିଦର୍ଶନ ଶୁକ୍ରବାର ଦେଖାଇଛନ୍ତି ଜଣେ ପୋଲିସ ଏସ୍‌ଆଇ। ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତା ଟିଙ୍କିର ପୋଲ ନିକଟରେ ଦୁଇଜଣ ବାଇକ୍ ଆରୋହୀ ଦୁର୍ଘଟଣାରେ ଆହତ ହୋଇ ଛଟପଟ ହେଉଥିଲେ। ସେହି ବାଟ ଦେଇ ପୋଲିସ ଏସ୍‌ଆଇ ରାଜନଗରରୁ ଫେରୁଥିଲେ। ସେମାନଙ୍କୁ ରାସ୍ତାରୁ ଉଠାଇ ପୋଲିସ ଗାଡିରେ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେ ହେଉଛନ୍ତି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଏସ୍‌ଆଇ ବିଶ୍ୱଜିତ ଭୋଇ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଅପେକ୍ଷାରେ ଥିଲେ। ଆହତ ଦୁଇଜଣ ଏହି ଥାନା ଖଡିଅଣ୍ଟା ଗାଁର ରମେଶ ସାମଲ ଓ ମଣ୍ଟୁ ସେଠୀ ବୋଲି ଜଣାପଡିଛି। ନିମପୁରର ଟିଙ୍କିରିପୋଲ ନିକଟରେ ଗାଈ ବାଇକ୍ ଆଗକୁ ଦୌଡି ଆସିବା ଯୋଗୁ ଦୁର୍ଘଟଣା ଘଟିଥିଲା। ରାସ୍ତାରେ ପଡି ମୁହଁ, ଛାତି ,ହାତ ,ଗୋଡ କ୍ଷତାକ୍ତ ହୋଇଥିଲା। ସେମାନେ ଗୁରୁତର ଥିବାରୁ ତାଙ୍କ ଡାକ୍ତର କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଏସ୍‌ଆଇ ଭୋଇଙ୍କ ଏଭଳି କାର୍ଯ୍ୟକୁ ସବୁସ୍ତରରେ ପ୍ରଶଂସା କରାଯାଇଛି।

## ମାଳହୁଙ୍କାରୁ ଜବରଦଖଲ ଉଚ୍ଛେଦ

**କୁଜଙ୍ଗ,୧୯।୨(ଡି.ଏନ୍.ଏ.)**

କୁଜଙ୍ଗ ତହସିଲ ଗଣ୍ଡକିପୁର ପଞ୍ଚାୟତର ମାଳହୁଙ୍କା ବଜାର ଛକ ଦୀର୍ଘଦିନ ହେବ ଜବରଦଖଲକାରୀଙ୍କ କବ୍‌ଜାରେ ଥିଲା। ପୋଲିସ ପ୍ରଶାସନ ଓ ଗଣ୍ଡକିପୁର ଗ୍ରାମ କମିଟି ସହାୟତାରେ କୁଜଙ୍ଗ ତହସିଲ ପକ୍ଷରୁ ଶୁକ୍ରବାର ଏସବୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଜବରଦଖଲ ଯୋଗୁ ଗଣ୍ଡକିପୁର ଯିବା ରାସ୍ତା ସଙ୍କୁଚିତ ହୋଇଯାଇଥିଲା। ଫଳରେ ଯାତାୟାତ ଅସୁବିଧା ହେଉଥିବା ନେଇ ଗ୍ରାମବାସୀ ବାରମ୍ବାର ତହସିଲଦାରଙ୍କ ନିକଟରେ ଉଚ୍ଛେଦ କରିବାକୁ ଦାବି କରି ଆସୁଥିଲେ। ଏହାକୁ ଭିତ୍ତି କରି କୁଜଙ୍ଗ ତହସିଲଦାର ଜବରଦଖଲକାରୀଙ୍କୁ ନୋଟିସ କରିଥିଲେ। ମାତ୍ର ନୋଟିସକୁ ଅବମାନନା କରିବାପରେ କୁଜଙ୍ଗ ଅତିରିକ୍ତ ତହସିଲଦାର ଦିଲୀପ ନାୟକ, କୁଜଙ୍ଗ ଥାନା ଅଧିକାରୀ, ପୋଲିସ ପ୍ରଶାସନ ଓ ରାଜସ୍ୱ ନିରୀକ୍ଷକ ସେଠାରେ ପହଞ୍ଚି ୫ଟି କ୍ୟାବିନ ଉଚ୍ଛେଦ କରିବା ସହ ମାଳହୁଙ୍କା ବଜାରଠାରୁ ଗଣ୍ଡକିପୁର ରାସ୍ତାକୁ ଜବର ଦଖଲକରିଥିବା ବ୍ୟକ୍ତିଙ୍କ ତାରବାଡ, ପାଚେରି ଆଦି ଭାଙ୍ଗି ଦେଇଥିଲେ। ଏହି କାର୍ଯ୍ୟରେ ଗଣ୍ଡକିପୁର ଗ୍ରାମ୍ୟ କମିଟି ପକ୍ଷରୁ ଗଣ୍ଡକିପୁର ସରପଞ୍ଚ ପ୍ରଦୀପ୍ତ ପରିଡା, ରବି ମାଝି, ଧନେଶ୍ୱର ସାମଲ, ରାମଚନ୍ଦ୍ର ପରିଡା, ଗଣ୍ଡକିପୁର ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପଲାଇନର ସଭ୍ୟ ଏବଂ ବହୁ ଗ୍ରାମବାସୀ ସହଯୋଗ କରିଥିଲେ ।



ପ୍ରଶାସନ ପକ୍ଷରୁ କୁଜଙ୍ଗରେ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଟାର୍ଗେଟ୍ ଆସୁ ନ ଥିବାରୁ ଚାଷୀ ହତାଶ

**ପଟ୍ଟାମୁଣ୍ଡାଇ,୧୯।୨(ସ୍ୱ.ପ୍ର.)**



ଧାନବସ୍ତାକୁ ଚାଷୀମାନେ ଜଗିରହିଛନ୍ତି।

**ପଟ୍ଟାମୁଣ୍ଡାଇରେ ଅଭାବୀ ଧାନବିକ୍ରି**

ପଟ୍ଟାମୁଣ୍ଡାଇ ବ୍ଲକରେ ଚାଷୀମାନେ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହୋଇ ନିରାଶ ହୋଇ ପଡିଲେଣି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ୧୪ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଖୋଲିଛି। ହେଲେ ଟାର୍ଗେଟ୍ ଆସି ନ ଥିବାରୁ ସମବାୟ ସମିତି ସମ୍ପାଦକ ଧାନ କିଣୁନାହାନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଆସିଥିବା ପ୍ରାୟ ୪ ଲକ୍ଷ କୁଇଣ୍ଟାଲ ଧାନ ଚାଷୀମାନେ ବିକ୍ରି କରିଛନ୍ତି। ତଥାପି ଚାଷୀମାନଙ୍କ ନିକଟରେ ଆହୁରି ୫ ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ ଗଚ୍ଛିତ ଅଛି। ଏଭଳି ପରିସ୍ଥିତିରେ ଚାଷୀମାନେ କିପରି କେଉଁଠି ଧାନ ବିକ୍ରି କରିବେ, ସେ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ତେବେ ୩ ଦିନ ହେଲା ତୃତୀୟ ପର୍ଯ୍ୟାୟ ଟାର୍ଗେଟ୍ ଆସିବ ବୋଲି କୁହାଯାଉଥିବା ବେଳେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଟାର୍ଗେଟ୍ ଆସିନାହିଁ। ହେଲେ କେନ୍ଦ୍ରାପଡ଼ା ଜିଲାକୁ ୫୦ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ୍ ଆସିଥିବା କୁହାଯାଉଥିବା ବେଳେ ପଟ୍ଟାମୁଣ୍ଡାଇ ୧୪ ସମବାୟ ସମିତିକୁ ମାତ୍ର ୫ ହଜାର କୁଇଣ୍ଟାଲ ଟାର୍ଗେଟ୍ ଆସିବା ଖବରପାଇ ଚାଷୀମାନଙ୍କ ମନ ଫିକା ପଡିଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତଙ୍କୁ ପଚାରିବାରେ ଜିଲାର ୯ଟି ବ୍ଲକରେ ୧୧୭ ଧାନମଣ୍ଡି ରହିଛି। ଏହି ଟାର୍ଗେଟ୍‌କୁ ଭାଗ କରିଦେଲେ ପଟ୍ଟାମୁଣ୍ଡାଇ ବ୍ଲକ ପାଇଁ ଯାହା ହେବ, ସେ ସମ୍ପର୍କରେ ଆମେ କିଛି କରିପାରିବୁ ନାହିଁ। ତଥାପି ଅଧିକ ଟାର୍ଗେଟ ଆଣିବାକୁ ଆମେ ଯୋଗାଯୋଗ କରିବୁ ବୋଲି ଗନ୍ତାୟତ କହିଛନ୍ତି। କଟକ କେନ୍ଦ୍ର ସମବାୟ ସମିତି ପଟ୍ଟାମୁଣ୍ଡାଇ ଶାଖା ଅଧୀନରେ ଥିବା ୧୬ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ୧୪ ସମବାୟ ସମିତିରେ ମଣ୍ଡି ଖୋଲାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ଭଲ ଧାନ ଅମଳ ହୋଇଥିବା ଚାଷୀମାନେ କହୁଥିବା ବେଳେ ଅବଶିଷ୍ଟ ଧାନ କେଉଁଠି କାହାକୁ ବିକ୍ରି କରିବେ, ସେ ନେଇଦ୍ୱନ୍ଦ୍ୱରେ ପଡିଯାଇଛନ୍ତି। ରାଜ୍ୟ ସରକାର ଓ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

